# ଏକକ ୧୦: ବିଦ୍ୟାଳୟ ପରିଚାଳନା

ଟିପ୍ପଣୀ

**ସଂରଚନା**

୧୦.୦ ଉପକ୍ରମ

୧୦.୧ ଶିକ୍ଷଣ ଉଦ୍ଦେଶ୍ୟ ସମୂହ

୧୦.୨ ବିଦ୍ୟାଳୟ ପରିଚାଳନାର ଅର୍ଥ ଓ ସ୍ୱରୂପ

୧୦.୩ ପରିଚାଳନାର ବିଭିନ୍ନ ଅଙ୍ଗ

୧୦.୪ ପରିଚାଳନାର ନିୟମାବଳୀ/କାର୍ଯ୍ୟାବଳୀ

୧୦.୫ ପରିଚାଳନାର ପ୍ରକାର- ଭାଗିଦାରୀ ଏବଂ ଅଣଭାଗିଦାରୀ

୧୦.୬ ଭାଗିଦାରୀ ପରିଚାଳନା ପ୍ରକ୍ରିୟା

୧୦.୭ ସାରାଂଶ

୧୦.୮ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୦.୯ ପାଠାନ୍ତ ପ୍ରଶ୍ନାବଳୀ

## ୧୦.୦ ଉପକ୍ରମ

ପୂର୍ବ ଏକକରେ ତୁମେ ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀର କ୍ରିୟାଶୀଳତାର ଉପାୟ ଓ ପଦ୍ଧତିଗୁଡ଼ିକ ବିଷୟରେ ଶିକ୍ଷାଲାଭ କରିଛ । ବିଦ୍ୟାଳୟ ପରିଚାଳନାରେ ଗୋଷ୍ଠୀର ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ । ଏହି ସମ୍ପୃକ୍ତି ବିଦ୍ୟାଳୟରେ ଗୋଷ୍ଠୀ ମାଲିକାନା ପାଇଁ ପଥ ପରିଷ୍କାର କରେ । ଏଥି ପାଇଁ କିପରି ଏକ ବିଦ୍ୟାଳୟ ଉପଯୁକ୍ତ ଭାବେ ପରିଚାଳିତ ହୋଇଥାଏ ବୁଝିବା ଆବଶ୍ୟକ । ଅନ୍ୟମାନଙ୍କର ସମନ୍ୱିତ ଉଦ୍ୟମ ଜରିଆରେ ଲକ୍ଷ୍ୟ ହାସଲ କାର୍ଯ୍ୟକୁ ପରିଚାଳନା କହନ୍ତି । ଏହି ଏକକରେ ତୁମେ ବିଦ୍ୟାଳୟ ପରିଚାଳନାର ଅର୍ଥ ଓ ସ୍ୱରୂପ, ପରିଚାଳନାର ଅଙ୍ଗ, ପରିଚାଳନାର ନିୟମାବଳୀ/କାର୍ଯ୍ୟ ଏବଂ ପ୍ରକାର ବିଷୟରେ ଶିକ୍ଷାଲାଭ କରିବ ।

## ୧୦.୧ ଶିକ୍ଷଣ ଉଦ୍ଦେଶ୍ୟ ସମୂହ

ଏହି ଏକକ ଅଧ୍ୟୟନ କରିବା ପରେ ତୁମେ ସକ୍ଷମ ହେବ:

- ବିଦ୍ୟାଳୟ ପରିଚାଳନା ଧାରଣାର ସଂଜ୍ଞା ନିରୂପଣ କରିବାରେ
- ପରିଚାଳନାର ସ୍ୱରୂପ ବର୍ଣ୍ଣନା କରିବାରେ
- ପରିଚାଳନାର ବିଭିନ୍ନ ଅଙ୍ଗ ବର୍ଣ୍ଣନା କରିବାରେ
- ପରିଚାଳନା କାର୍ଯ୍ୟାବଳୀର ତାଲିକା ପ୍ରସ୍ତୁତି କରିବାରେ
- ପରିଚାଳନାର ବର୍ଗୀକରଣ କରିବାରେ : ଭାଗିଦାରୀ ଓ ଅଣଭାଗିଦାରୀ
- ଭାଗିଦାରୀ ପରିଚାଳନାର ପଦ୍ଧତି ବ୍ୟାଖ୍ୟା କରିବାରେ

ଟିପ୍ପଣୀ

## ୧୦.୨ ବିଦ୍ୟାଳୟ ପରିଚାଳନାର ଅର୍ଥ ଓ ସ୍ୱରୂପ

ପରିଚାଳନା ଧାରଣା

ବିଦ୍ୟାଳୟ ସମେତ ପ୍ରତ୍ୟେକ ସଂଗଠନର ସଫଳ କାର୍ଯ୍ୟକାରିତା ନିମନ୍ତେ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ଅଟେ ।

ପରିଚାଳନାର ଧାରଣା ବୁଝିବା ପାଇଁ ନିମ୍ନ ପ୍ରଦତ୍ତ କାହାଣୀକୁ ପାଠ କର:

ନୂଆଦିଲ୍ଲୀର ହରିନଗରରେ ଅବସ୍ଥିତ ଏକ ପୌର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଥିବା ମିସ୍ ଲକ୍ଷ୍ମୀ ଶ୍ୟାମ ବିହାରରେ ଅବସ୍ଥିତ ଅନ୍ୟ ଏକ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଗଲେ । ନୂଆ ବିଦ୍ୟାଳୟରେ ଯୋଗଦେବା ମାତ୍ରେ ସେ ବିଦ୍ୟାଳୟକୁ ଭଲଭାବେ ଅନୁଧ୍ୟାନ କଲେ ଏବଂ ସହକର୍ମୀଙ୍କ ଏକ ବୈଠକ ଡକାଇଲେ । ସେ ସମସ୍ତ ଶିକ୍ଷକଙ୍କୁ ବିଦ୍ୟାଳୟର କାର୍ଯ୍ୟ ତଥା ସମସ୍ୟା ଓ ଆବଶ୍ୟକତା ବିଷୟରେ ପ୍ରଶ୍ନକଲେ ।

ଶିକ୍ଷକମାନଙ୍କ ସହ କଥୋପକଥନ ସମୟରେ ସେ ବିଦ୍ୟାଳୟର ଅନେକ ସମସ୍ୟା ସମ୍ପର୍କରେ ଅବଗତ ହେଲେ ।

ସେ ଶିକ୍ଷକମାନଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା; ଯାହାର ତ୍ୱରିତ ସମାଧାନ ହେବା ଉଚିତ କହିବାକୁ ପ୍ରଶ୍ନ କଲେ ।

ଛାତ୍ର ଉପସ୍ଥାନ କମ୍ ସେ ସମୟର ପ୍ରମୁଖ ସମସ୍ୟା ବୋଲି ଶିକ୍ଷକମାନେ କହିଲେ ।

ଛାତ୍ରଛାତ୍ରୀଙ୍କ କମ୍ ଉପସ୍ଥାନର କାରଣମାନ ଚିହ୍ନଟ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ କହିଲେ । ଶିକ୍ଷକମାନେ ସେହି ସମସ୍ୟାର କାରଣମାନ ଜାଣିଥିଲେ । ସେମାନେ ସେସବୁର ଏକ ତାଲିକା ପ୍ରସ୍ତୁତ କଲେ:

- ପିତାମାତା କାମକୁ ଯାଉଥିବାରୁ ବାଳିକାମାନେ ଘରେ ସେମାନଙ୍କ ସାନ ଭାଇଭଉଣୀଙ୍କୁ ଦେଖାରଖା କରନ୍ତି ।
- ବାଳକମାନେ ସେମାନଙ୍କ ପିତାଙ୍କୁ ନିଜନିଜ ପରିବା ଦୋକାନ, ଚାଦୋକାନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସାହାଯ୍ୟ କରନ୍ତି ।
- ବେଳେବେଳେ ଏକ ବା ଅନେକ କାରଣ ପାଇଁ ପିତାମାତା ଗାଁକୁ ଯାଆନ୍ତି ଏବଂ ୨/୩ ମାସ ପରେ ପ୍ରତ୍ୟାବର୍ତ୍ତନ କରନ୍ତି ।
- ପିତାମାତା ନିରକ୍ଷର ହୋଇଥିବାରୁ ସେମାନେ ସେମାନଙ୍କ ପିଲାମାନଙ୍କ ଉପସ୍ଥାନ ସମ୍ପର୍କରେ ଯତ୍ନବାନ ହୁଅନ୍ତି ନାହିଁ ।
- ବିଦ୍ୟାଳୟରେ ଉତ୍ତମ / ପୂର୍ଣ୍ଣ ଉପସ୍ଥାପନ ଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରୋତ୍ସାହନ ନାହିଁ ।

କାରଣଗୁଡ଼ିକୁ ଜାଣିବା ପରେ ଏହି ସମସ୍ୟାର ସମାଧାନ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ନିଷ୍ପତ୍ତି କଲେ । ତତ୍ପରେ ସେହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ସାଧନ/ସମ୍ବଳ ସଂକ୍ରାନ୍ତରେ ସେ ଆଲୋଚନା କଲେ । ସେମାନେ ସାଧନଗୁଡ଼ିକୁ ନିମ୍ନପ୍ରକାରେ ଚିହ୍ନଟ କଲେ:

ଭୌତିକ: ଏକ ବୈଠକରେ ଯୋଗଦେବାକୁ ପିତାମାତାଙ୍କ ନିମନ୍ତେ ପ୍ରକୋଷ୍ଠ ଓ ଚୌକି, ସେମାନଙ୍କ ପାଇଁ ଖାଦ୍ୟ-ପାନୀୟ, ନିୟମିତ ବିଦ୍ୟାଳୟ ଆସୁଥିବା କେତେକ ଛାତ୍ରଛାତ୍ରୀଙ୍କ ପାଇଁ ପୁରସ୍କାର ଏବଂ ଶିକ୍ଷକଙ୍କ ପାଇଁ ପ୍ରମାଣପତ୍ର ବ୍ୟବସ୍ଥା କରାଗଲା । ଏହି ସମସ୍ତ ସମ୍ବଳ ବିଦ୍ୟାଳୟରେ ହିଁ ଉପଲବ୍ଧ ହେଲା ।

ମାନବୀୟ: ପିତାମାତା, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ, ବିଶେଷଜ୍ଞମାନଙ୍କର ପିତାମାତା ଓ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ପ୍ରଦାନ ।

ଆର୍ଥିକ: ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ (ସାମଗ୍ରୀ ଆକାରରେ), ପିତାମାତାଙ୍କ ଖାଦ୍ୟ-ପାନୀୟ ଇତ୍ୟାଦି ।

ଯୋଜନା ପ୍ରସ୍ତୁତି ପାଇଁ ସେମାନେ ନିମ୍ନଲିଖିତ ଉଦ୍ଦେଶ୍ୟଗୁଡ଼ିକୁ ଧାର୍ଯ୍ୟ କଲେ:

- ତିନି ମାସ ମଧ୍ୟରେ ଛାତ୍ର ଉପସ୍ଥାନ ସଂଖ୍ୟା ଅତି କମ୍‌ରେ ୨୦% ବୃଦ୍ଧି କରିବା
- ନିଜନିଜ ପିଲାଙ୍କୁ ନିୟମିତଭାବେ ବିଦ୍ୟାଳୟକୁ ପଠାଇବା ପାଇଁ ପିତାମାତାଙ୍କୁ ଅଭିପ୍ରେରିତ କରିବା
- ନିୟମିତ ବିଦ୍ୟାଳୟ ଆସିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା
- ନିୟମିତ ଉପସ୍ଥାନ ନିମନ୍ତେ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କୁ ପରାମର୍ଶ ପ୍ରଦାନ କରିବାରେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସହାୟତା କରିବା
- ନିରକ୍ଷର ପିତାମାତାଙ୍କୁ ଶିକ୍ଷିତ କରାଇବା

ଚିହ୍ନଟ କରାଇଯାଇଥିବା କାରଣ ଓ ଧାର୍ଯ୍ୟ ଉଦ୍ଦେଶ୍ୟ ଆଧାରରେ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ପାଇଁ ନିମ୍ନଲିଖିତ କୌଶଳ ପ୍ରସ୍ତୁତ କଲେ:

- କମ୍ ଉପସ୍ଥାନ ଥିବା ଛାତ୍ରଛାତ୍ରୀଙ୍କ ପିତାମାତାଙ୍କୁ ପରାମର୍ଶ ପ୍ରଦାନ କରିବା
- ଅତୀତରେ କମ୍ ଉପସ୍ଥାନ ଥିବା ଛାତ୍ରଛାତ୍ରୀଙ୍କୁ ଅଧିକ ଧ୍ୟାନ ଦେବା
- ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା
- ଶିକ୍ଷଣ କାର୍ଯ୍ୟ ଆଧାରିତ ଶିକ୍ଷାଦାନ ପାଇଁ ଶିକ୍ଷକଙ୍କୁ ଅଭିପ୍ରେରିତ କରିବା
- ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଖାତାରେ ସପ୍ତାହକୁ ସପ୍ତାହ ଅଗ୍ରଗତି ଯାଞ୍ଚ କରିବା
- ନିରକ୍ଷର ପିତାମାତାଙ୍କ ପାଇଁ ସାକ୍ଷରତା ଶ୍ରେଣୀ ଆୟୋଜନ କରିବା

ତତ୍ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ୟ ଶିକ୍ଷକଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟ ଆବଣ୍ଟନ କଲେ । ତାହା ସହିତ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବ୍ୟୟ ଆକଳନ କରିବାକୁ ସେ ଶିକ୍ଷକମାନଙ୍କୁ କହିଲେ । ସେମାନେ ତିନି ମାସ ପାଇଁ ପାଞ୍ଚ ହଜାର ଟଙ୍କାର ପାଣ୍ଠି ବରାଦ କଲେ ଏବଂ ପ୍ରତ୍ୟେକ କାର୍ଯ୍ୟ ପାଇଁ ଆବଶ୍ୟକ ପରିମାଣ ରଖିଲେ । ସେ ମଧ୍ୟ ଏହି ଯୋଜନାର ତଦାରଖ ଓ ମୂଲ୍ୟାୟନ ବାବଦରେ ଶିକ୍ଷକଙ୍କ ସହ ଆଲୋଚନା କଲେ । ଶିକ୍ଷକମାନେ ପରାମର୍ଶ ଦେଲେ ଯେ ଦୁଇ ଜଣ ଶିକ୍ଷକ ଏହି କାର୍ଯ୍ୟକୁ ତଦାରଖ କରିବେ । ଶିକ୍ଷକମାନଙ୍କ ସହଯୋଗରେ ଯୋଜନା କାର୍ଯ୍ୟକାରୀ କରାଗଲା ଏବଂ ଆବଶ୍ୟକତା ଅନୁସାରେ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରାଗଲା । ଅନ୍ୟ ଶିକ୍ଷକଙ୍କ ସହ ପ୍ରଧାନ ଶିକ୍ଷୟିତ୍ରୀ ଏହି କାର୍ଯ୍ୟରେ ସମନ୍ୱୟ ରକ୍ଷାକଲେ ଏବଂ କାର୍ଯ୍ୟଧାରା ଉପଯୁକ୍ତ ଭାବରେ ହେଉଛି କି ନାହିଁ ଜାଣିବାକୁ ନିରନ୍ତର ମତାମତ ନେଉଥିଲେ । ତିନି ମାସ ପରେ ଯୋଜନାର ଚୂଡ଼ାନ୍ତ ମୂଲ୍ୟାୟନରୁ ଜଣାଗଲା ଯେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ୧୮ ପ୍ରତିଶତ ବୃଦ୍ଧି ପାଇଛି । ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଭୂମିକାକୁ ପ୍ରଶଂସା କଲେ । ଏହିପରିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଫଳପ୍ରଦ ଏବଂ ଦକ୍ଷଭାବେ ପରିଚାଳନା କଲେ ।

ଏବେ ଉପରବର୍ଣ୍ଣିତ କାହାଣୀରୁ ଚିହ୍ନଟ କର:

ବିଦ୍ୟାଳୟ ପରିଚାଳନାର ଅର୍ଥ କ'ଣ ?

ପରିଚାଳନା ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକ କ'ଣ ?

ବିଦ୍ୟାଳୟର ଉପସ୍ଥାନ ବୃଦ୍ଧି ପାଇଁ ପ୍ରଧାନ ଶିକ୍ଷୟିତ୍ରୀ କିପରି ଭାବେ ଏକ ଯୋଜନା ପ୍ରସ୍ତୁତ କରିଥିଲେ ?

## ବିଦ୍ୟାଳୟ ପରିଚାଳନା ଅର୍ଥ

ଉପର ଉଦାହରଣରୁ ଏହା କୁହାଯାଇପାରେ ଯେ ବିଦ୍ୟାଳୟ ପରିଚାଳନା ଏକ ପ୍ରକ୍ରିୟା ଯାହାଦ୍ୱାରା ସହଭାଗୀ ଦଳ ବିଦ୍ୟାଳୟ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ ନିର୍ଦ୍ଦେଶିତ କରିଥାଏ । ପରିଚାଳନାର କେତେକ ସଂଜ୍ଞା ନିମ୍ନରେ ଦିଆଗଲା:

ଟିପ୍ପଣୀ

"ଆନୁଷ୍ଠାନିକଭାବେ ସଂଗଠିତ ଲୋକଙ୍କ ସହ ଏବଂ ଲୋକଙ୍କ ଜରିଆରେ କାର୍ଯ୍ୟ ସମ୍ପାଦନ ହିଁ ପରିଚାଳନା ଅଟେ ।"
**ହାରୋଲ୍ଡ କୁଞ୍ଜ୍**

"ପରିଚାଳନା କରିବା ଅର୍ଥ ଆକଳନ କରିବା ଏବଂ ଯୋଜନା କରିବା, ସଂଗଠିତ ହେବା, ନିର୍ଦ୍ଦେଶନା ଦେବା, ସଂଯୋଜନା କରିବା ଓ ନିୟନ୍ତ୍ରଣ କରିବା ।" ହେନ୍‌ରି ଫାୟୋଲ୍

"ଲୋକଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କଳା ହିଁ ପରିଚାଳନା ।" ମେରୀ ପାର୍କର ଫଲେଟ୍

ଯେକୌଣସି ସଂଗଠନର ପରିଚାଳନା ବିଭିନ୍ନ ପ୍ରକ୍ରିୟା ଜରିଆରେ ଫଳ ପ୍ରଦାନ ପାଇଁ ବିଭିନ୍ନ ସମ୍ବଳ(ଇନ୍‌ପୁଟ୍)କୁ ବିନିଯୋଗ କରିଥାଏ । ଉଦାହରଣ ସ୍ୱରୂପ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ନିବେଶ (ଇନ୍‌ପୁଟ୍)ଗୁଡ଼ିକ ହେଲା, ଭିତ୍ତିଭୂମି, ପାଣ୍ଠି, ଶିକ୍ଷକ, ବିଦ୍ୟାର୍ଥୀ, ଶିକ୍ଷଣ-ଶିକ୍ଷାଦାନ ପଦ୍ଧତି ଏବଂ ଫଳାଫଳ (ଆଉଟ୍‌ପୁଟ୍)ଗୁଡ଼ିକ ହେଲା:-ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉପଲବ୍ଧି, ସହପାଠ୍ୟ କାର୍ଯ୍ୟକ୍ରମ, ଶିକ୍ଷକଙ୍କ ବୃତ୍ତିଗତ ଅଭିବୃଦ୍ଧି ଇତ୍ୟାଦି । ଏଣୁ ମାନବସମ୍ବଳ(ମ୍ୟାନ୍‌ପାଓ୍ୱାର) (ପୁରୁଷ ଓ ମହିଳା), କଞ୍ଚାମାଲ୍ (ମେଟେରିଆଲ୍‌ସ), ଯନ୍ତ୍ରପାତି (ମେସିନାରୀ), ପଦ୍ଧତି(ମେଥଡ୍) ଏବଂ ଅର୍ଥ(ମନି)କୁ ନେଇ ନିବେଶ (ଇନ୍‌ପୁଟ୍) ଗଠିତ । ଏହି ସମସ୍ତ ସମ୍ବଳ 'ପରିଚାଳନାର ପାଞ୍ଚ ଏମ୍' ଭାବେ ପରିଚିତ ।




**ପରିଚାଳନାର ପାଞ୍ଚ ଏମ୍‌ଏସ**

ବିଭିନ୍ନ ସମ୍ବଳର ଉପଯୁକ୍ତ ଓ ଫଳପ୍ରଦ ବିନିଯୋଗ ପରିଚାଳନାର ପ୍ରକୃତି ଓ ଦକ୍ଷତା ଉପରେ ନିର୍ଭର କରେ । ସଂଗଠନର ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ପାଇଁ ସେହିସବୁ ସମ୍ବଳକୁ କ୍ରିୟାଶୀଳ କରିବା, ସମନ୍ୱୟ ରକ୍ଷା କରିବା ଓ ତାହାକୁ ଫଳପ୍ରଦ ଢଙ୍ଗରେ ବିନିଯୋଗ କରିବା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବା ଆବଶ୍ୟକ । ସେହିସବୁ ସମ୍ବଳ ମଧ୍ୟ ପର୍ଯ୍ୟାପ୍ତ ପରିମାଣର, ଉପଯୁକ୍ତ ଗୁଣବତ୍ତାଯୁକ୍ତ ଓ କମ୍ ମୂଲ୍ୟରେ ନିୟମିତଭାବେ ଉପଲବ୍ଧ ହେଉଥିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

**ପରିଚାଳନାର ସ୍ୱରୂପ**

ପରିଚାଳନା କାର୍ଯ୍ୟକୁ ଉତ୍ତମ କରିବା ସହ ସମ୍ବଳର ସର୍ବାଧିକ ବିନିଯୋଗ କରେ । ଏହାର ନିମ୍ନଲିଖିତ ବୈଶିଷ୍ଟ୍ୟ ରହିଛି:

-ଲକ୍ଷ୍ୟ ନିଷ୍ଠ

-ସାର୍ବଜନୀନ

-ସମନ୍ୱିତ ପ୍ରକ୍ରିୟା

-ସାମାଜିକ ପ୍ରକ୍ରିୟା

-କାର୍ଯ୍ୟ ଆଧାରିତ

-ଦଳଗତ କାର୍ଯ୍ୟ

-କଳା ସହିତ ବିଜ୍ଞାନ

ଟିପ୍ପଣୀ

-ନିରନ୍ତର ପ୍ରକ୍ରିୟା

-ବହୁବିଭାଗୀୟ

-ସ୍ପର୍ଶହୀନ

-ସୃଜନାତ୍ମକ

ଏହା ଯୋଜନା ପ୍ରଣୟନ କରିବା, ସଂଗଠିତ କରିବା, ତଦାରଖ କରିବା, ନିୟନ୍ତ୍ରଣ ଓ ମୂଲ୍ୟାୟନ କରିବା ଆଦି ଆଦୁକ ସାମିଲ କରିଥାଏ । ନିଷ୍ପତ୍ତି ଗ୍ରହଣ ପରିଚାଳନାର ମୁଖ୍ୟ ବୈଶିଷ୍ଟ୍ୟ ଏବଂ ଏହାର ମୁଖ୍ୟ ଦିଗଗୁଡ଼ିକ ହେଲା: ସମ୍ବଳ ଓ ଉଦ୍ଦେଶ୍ୟ ସମୂହ ।




## ୧୦.୩ ପରିଚାଳନାର ସମୂହ

ଉପର ବର୍ଣ୍ଣିତ ବାସ୍ତବ-କାହାଣୀ ପାଠ କରିବା ପରେ ତୁମେ ଲକ୍ଷ୍ୟ କରିଥିବ ଯେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛାତ୍ରଛାତ୍ରୀଙ୍କ କମ୍ ଉପସ୍ଥାନ ସମସ୍ୟାର ସମାଧାନ ପାଇଁ ଏକାଧିକ କାର୍ଯ୍ୟକ୍ରମକୁ କ୍ରମାନ୍ୱୟରେ ଆୟୋଜନ କରିଛନ୍ତି । ଏହିସବୁ ଆନୁକ୍ରମିକ କାର୍ଯ୍ୟକ୍ରମକୁ ପରିଚାଳନା ପ୍ରକ୍ରିୟାର ଅଙ୍ଗ ବୋଲି କୁହାଯାଏ ।

-ସ୍ଥିତି ବିଶ୍ଳେଷଣ

-କୌଶଳ ପ୍ରସ୍ତୁତି

-କୌଶଳର କାର୍ଯ୍ୟାନ୍ୱୟନ

-କୌଶଳର ମୂଲ୍ୟାୟନ

### ସ୍ଥିତି ବିଶ୍ଳେଷଣ

ସ୍ଥିତି ବିଶ୍ଳେଷଣ ପରିଚାଳନା ପ୍ରକ୍ରିୟାର ପ୍ରଥମ ସୋପାନ । ସ୍ଥିତି ବିଶ୍ଳେଷଣ ବିଦ୍ୟାଳୟର ଏକ ଭିଜନ୍ ମିଶନ୍ ପ୍ରସ୍ତୁତି ପାଇଁ ଆବଶ୍ୟକ ସୂଚନା ଯୋଗାଏ । ବିଦ୍ୟାଳୟ ପରିବେଶର ବିଶ୍ଳେଷଣ ଓ ମୂଲ୍ୟାୟନ ଏହି ସୋପାନ ଅନ୍ତର୍ଭୁକ୍ତ । ବିଭିନ୍ନ କୌଶଳ ଜରିଆରେ ଏହି ପର୍ଯ୍ୟବେକ୍ଷଣ ସମ୍ପାଦନ କରାଯାଇଥାଏ । ପର୍ଯ୍ୟବେକ୍ଷଣ ଓ ଯୋଗାଯୋଗ ଦୁଇଟି ଅତ୍ୟନ୍ତ ଫଳପ୍ରଦ ପଦ୍ଧତି । ଆନ୍ତଃ ପରିବେଶ ବିଶ୍ଳେଷଣ କରିବା ପାଇଁ ଆଲୋଚନା, ସାକ୍ଷାତକାର ଏବଂ ସର୍ବେକ୍ଷଣକୁ ବ୍ୟବହାର କରାଯାଇ ପାରିବ ।

ଟିପ୍ପଣୀ

### କୌଶଳ ପ୍ରସ୍ତୁତି

ବିଦ୍ୟାଳୟର ଲକ୍ଷ୍ୟ ହାସଲ କରିବା ପାଇଁ କୌଶଳର ନକ୍ସାଙ୍କନ ଓ ବିକାଶ କରିବା କୌଶଳପ୍ରସ୍ତୁତିର ଅନ୍ତର୍ଭୁକ୍ତ । ବିଦ୍ୟାଳୟରେ ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ଏକାଧିକ କୌଶଳ ପ୍ରସ୍ତୁତ କରାଯାଇପାରେ । ଉଦାହରଣ ସ୍ୱରୂପ, ଭିତ୍ତିଭୂମି ରକ୍ଷଣାବେକ୍ଷଣ, ଛାତ୍ରଛାତ୍ରୀଙ୍କ ସଫଳତାରେ ଉନ୍ନତି, ଉପର ବର୍ଣ୍ଣିତ ଅଧ୍ୟୟନ ପରି ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ଉନ୍ନତି ଇତ୍ୟାଦି ।

### କୌଶଳ କାର୍ଯ୍ୟାନ୍ୱୟନ:

କୌଶଳ ବା ଉପାୟକୁ କାର୍ଯ୍ୟକାରୀ କରିବା ହେଲା କୌଶଳ କାର୍ଯ୍ୟାନ୍ୱୟନ । କୌଶଳ କାର୍ଯ୍ୟକାରୀ କରିବା ପାଇଁ ସୋପାନ, ପଦ୍ଧତି ଏବଂ ପ୍ରଣାଳୀ ଆଦିର ବିକାଶ ଏହାର ଅନ୍ତର୍ଭୁକ୍ତ । କେଉଁ କୌଶଳକୁ ପ୍ରଥମେ କାର୍ଯ୍ୟକାରୀ କରାଯିବ ବିଚାର କରିବା ମଧ୍ୟ ଏହି ସୋପାନର ଅନ୍ତର୍ଭୁକ୍ତ ଅଟେ । ସମସ୍ୟାର ଗୁରୁତ୍ୱ ଅନୁସାରେ କୌଶଳକୁ ଅଗ୍ରାଧିକାର ଦିଆଯିବା ଉଚିତ । ବିଦ୍ୟାଳୟ ପ୍ରଥମେ ସବୁଠାରୁ ଅତି ଖରାପ ସମସ୍ୟାକୁ ଧ୍ୟାନ ଦେବା ଉଚିତ । ତାହା ସମାଧାନ ହେବା ପରେ ଅନ୍ୟ ସମସ୍ୟାଗୁଡ଼ିକର ସମାଧାନ ଉଦ୍ୟମ କରାଯିବା ଆବଶ୍ୟକ ।

### କୌଶଳ ମୂଲ୍ୟାୟନ

ସମୟ ସୀମା ମଧ୍ୟରେ କାର୍ଯ୍ୟ ହୋଇଛି କି ନାହିଁ, କାର୍ଯ୍ୟକାରୀ କରାଯାଉଥିବା ସୋପାନ ଓ ପ୍ରକ୍ରିୟା ନିର୍ଭୁଲ୍‌ଭାବେ ଚାଲୁଛି କି ନାହିଁ ଏବଂ ଆଶା କରାଯାଉଥିବା ଫଳ ହାସଲ ହେଲା କି ନାହିଁ ଜାଣିବା କୌଶଳ ମୂଲ୍ୟାୟନ ଅନ୍ତର୍ଭୁକ୍ତ । ଯଦି ଜଣାଯାଏ ଯେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କିଛି ହେଉନାହିଁ, ପ୍ରକ୍ରିୟା ଠିକ୍‌ଭାବେ ଚାଲୁନାହିଁ ବା ବାସ୍ତବ ଲକ୍ଷ୍ୟ ଅନୁରୂପ ଫଳ ମିଳୁନାହିଁ, ତେବେ କୌଶଳ ପରିବର୍ତ୍ତନ ବା ନୂତନ କୌଶଳ ପ୍ରବର୍ତ୍ତନ କରାଯିବା ଉଚିତ ।

ଉଭୟ ପରିଚାଳନା କର୍ତ୍ତୃପକ୍ଷ ଓ କର୍ମଚାରୀ ମୂଲ୍ୟାୟନ କୌଶଳରେ ସାମିଲ ହୁଅନ୍ତି, କାରଣ କାର୍ଯ୍ୟକାରୀ ହେଉଥିବା କୌଶଳକୁ ପ୍ରତ୍ୟେକ ଭିନ୍ନଭିନ୍ନ ଦିଗରୁ ଦେଖିବାକୁ ସକ୍ଷମ ହୋଇଥାନ୍ତି । ଏକ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ସୋପାନରେ ରହିଥିବା ତ୍ରୁଟିବିଚ୍ୟୁତିକୁ ଜଣେ କର୍ମଚାରୀ ଦେଖିପାରିଥାଏ; ଯାହାକୁ ପରିଚାଳନା କର୍ତ୍ତୃପକ୍ଷ ଚିହ୍ନଟ କରିବାକୁ ଅକ୍ଷମ ହୋଇଥାନ୍ତି । ଉଦ୍ଦେଶ୍ୟ ଆଧାରିତ ପରିଚାଳନା ପ୍ରକ୍ରିୟା ଏକ ନିରନ୍ତର ପ୍ରକ୍ରିୟା ଯେହେତୁ ଫଳାଫଳ ବା ଶେଷ ଉତ୍ପାଦ ସାଂଗଠନିକ ସଦସ୍ୟଙ୍କ ଦ୍ୱାରା ହୋଇଥାଏ; ଯାହାକୁ ସଂଗଠନର ଆବଶ୍ୟକତା ଅନୁସାରେ ପରିବର୍ତ୍ତନ କରାଯାଇଥାଏ ।

### ନିଜ ଅଗ୍ରଗତିର ଆକଳନ-୧

୧-ଏକ ପ୍ରାଥମିକ ବିଦ୍ୟାଳୟରେ ବିଶୃଙ୍ଖଳା ଜନୀତ ସମସ୍ୟାକୁ ତୁମେ କିପରି ସମାଧାନ କରିପାରିବ ?

---------------------------------------------------------------------------

---------------------------------------------------------------------------

---------------------------------------------------------------------------

---------------------------------------------------------------------------

## ୧୦.୪ ପରିଚାଳନାର ନିୟମାବଳୀ/କାର୍ଯ୍ୟାବଳୀ

### ୧୦.୪.୧ ଯୋଜନା ପ୍ରସ୍ତୁତ କରିବା

ଯୋଜନା ପ୍ରସ୍ତୁତି ପରିଚାଳନାର ମୌଳିକ କାର୍ଯ୍ୟ; ଯାହା ଉଦ୍ଦେଶ୍ୟ ନିର୍ଦ୍ଧାରଣ କରେ ଏବଂ ସେହିସବୁ ଉଦ୍ଦେଶ୍ୟ ହାସଲ ପାଇଁ କାର୍ଯ୍ୟକ୍ରମ ସ୍ଥିର କରିଥାଏ । ଏଥିରେ ପାଞ୍ଚଟି ପ୍ରଶ୍ନ ସାମିଲ ଯଥା:- କ'ଣ କରିବାକୁ ହେବ ? କେତେବେଳେ କରିବାକୁ ହେବ ? କେଉଁଠାରେ କରିବାକୁ ହେବ ? କିଏ ସମ୍ପାଦନ କରିବେ ? କିପରି କରିବାକୁ ହେବ ? ସେମାନଙ୍କ ସଂଗଠନ କେଉଁ ପରିବେଶଗତ ସମସ୍ୟାର ସମ୍ମୁଖୀନ ଏବଂ ଭବିଷ୍ୟତ ସ୍ଥିତି ଆକଳନ ସଂକ୍ରାନ୍ତରେ ପରିଚାଳକ ଅବଗତ ହେବା ଯୋଜନାର ମୁଖ୍ୟ ବିଷୟ । ପରିଚାଳକମାନେ ଉତ୍ତମ ନିଷ୍ପତ୍ତି ଗ୍ରହଣକାରୀ ହେବା ମଧ୍ୟ ଆବଶ୍ୟକ । ଉପର

ଟିପ୍ପଣୀ

ଉଦାହରଣ ଅନୁସାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିବେଶ ଓ ଏହାର ସମସ୍ୟାକୁ ଗମ୍ଭୀରତାର ସହ ଅନୁଧ୍ୟାନ କରିଥିଲେ । ସେ ଜଣେ ଭଲ ନିଷ୍ପତ୍ତି ଗ୍ରହଣକାରୀ ଥିଲେ; ଯେହେତୁ ସେ ସ୍ଥିତି ପର୍ଯ୍ୟବେକ୍ଷଣ କରିବା ମାତ୍ରେ ତ୍ୱରିତ ନିଷ୍ପତ୍ତି ନେଇଥିଲେ । ସେ ନିଷ୍ପତ୍ତି ଗ୍ରହଣରେ ଗାଣତନ୍ତ୍ରିକ ଆଭିମୁଖ୍ୟ ପୋଷଣ କରିଥିଲେ । ଏଣୁ ଯୋଜନା ଭବିଷ୍ୟତ କାର୍ଯ୍ୟାବଳୀର ବୈଜ୍ଞାନିକ ଆକଳନ ଆଧାରିତ ଅଟେ । ଏହା ସମନ୍ୱୟର ଏକ କାର୍ଯ୍ୟକ୍ରମ, କାରଣ ଏହା ବିଭିନ୍ନ ବିକଳ୍ପରୁ ଠିକ କାର୍ଯ୍ୟକ୍ରମ ଗ୍ରହଣ କରିଥାଏ । ଆମେ ଏବେ କେଉଁସ୍ଥିତିରେ ଏବଂ ଆମେ କେଉଁ ସ୍ଥିତିକୁ ଯିବାକୁ ଚାହୁଁଛେ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନକୁ ଏହା ପୂରଣ କରିଥାଏ । ଯୋଜନା ପ୍ରକ୍ରିୟା ନିମ୍ନଲିଖିତ ସୋପାନରେ ହୋଇଥାଏ:

ଉଦ୍ଦେଶ୍ୟ ସମୂହର ନିର୍ଦ୍ଧାରଣ କରିବା

-ସମ୍ବଳ ସମୂହର ଚିହ୍ନଟ କରିବା

-ପୂର୍ବାନୁମାନ କରିବା

-ନୀତି, କୌଶଳ, ମାନଦଣ୍ଡ, ନିୟମ ଇତ୍ୟାଦି ପ୍ରସ୍ତୁତି କରିବା

-କାର୍ଯ୍ୟ ଯୋଜନା ଓ ବଜେଟ୍ ଆକଳନ କରିବା

## ୧୦.୪.୨ ବଜେଟ ପ୍ରସ୍ତୁତ କରିବା

ଏକ ବଜେଟ ଆଗାମୀ ସମୟ ପାଇଁ ପରିଚାଳନାର ପରିମାଣଗତ ପରିପ୍ରକାଶ ଅଟେ । ଏକ ସଂଗଠନର ବିଭିନ୍ନ ସ୍ତରରେ ବଜେଟ ପ୍ରସ୍ତୁତ କରାଯାଇଥାଏ । ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଅର୍ଥନୈତିକ ଯୋଜନା ହେଲା ମାଷ୍ଟର ବଜେଟ୍ ବା ମୁଖ୍ୟ ବଜେଟ୍; ଯେଉଁଥିରେ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରତିଫଳିତ ହୋଇଥାଏ । ଉପଯୁକ୍ତଭାବେ ପ୍ରସ୍ତୁତ ବଜେଟ ଯୋଜନା ଓ ନିୟନ୍ତ୍ରଣ ବ୍ୟବସ୍ଥା ରୂପେ କାର୍ଯ୍ୟ କରିଥାଏ । ବିଦ୍ୟାଳୟର ଲକ୍ଷ୍ୟ ଓ କାର୍ଯ୍ୟ ସଂପାଦନ ଉଦ୍ଦେଶ୍ୟ ଓ ଆର୍ଥିକ ରୂପରେ ଲିପିବଦ୍ଧ କରାଯାଇଥିଲା । ଥରେ ପ୍ରଣୟନ ହୋଇଯିବା ପରେ ବର୍ଷ ତମାମ ଏହାକୁ ବ୍ୟବହାର କରାଯାଇଥାଏ । ମାସିକ କାର୍ଯ୍ୟ ସଂପାଦନ ବିବରଣୀ ବାସ୍ତବ ଫଳାଫଳ ଓ ବଜେଟ ଆକଳନକୁ ତୁଳନା କରେ । କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରିବା ପାଇଁ ପରିଚାଳନା କର୍ତ୍ତୃପକ୍ଷ କାର୍ଯ୍ୟ ସଂପାଦନ ବିବରଣୀ ଯାଞ୍ଚ କରେ ଏବଂ ଆବଶ୍ୟକ ସଂଶୋଧନୀ ପଦକ୍ଷେପ ଗ୍ରହଣ କରେ ।

## ୧୦.୪.୩ ସଂଗଠିତ କରିବା

ଉଦ୍ଦେଶ୍ୟ ଏବଂ ତାହାକୁ ହାସଲ କରିବା ପାଇଁ ଉପାୟ ଓ ନିୟମାବଳୀ ନିର୍ଦ୍ଧାରଣ ପରେ ପରବର୍ତ୍ତୀ ସୋପାନ ହେଲା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ମାନବ ସମ୍ବଳ ଓ ଭୌତିକ ସମ୍ବଳଗୁଡ଼ିକୁ ଏକତ୍ରିତ କରିବା । "ବିଦ୍ୟାଳୟ ପରିଚାଳନା ଅର୍ଥ ଏହାକୁ ଚଳାଇବା ପାଇଁ ସମସ୍ତ ଉପଯୋଗୀ ଉପାଦାନ ଯଥା- କଞ୍ଚାମାଲ, ଉପକରଣ, ପୁଞ୍ଜି ଓ କର୍ମଚାରୀ ଇତ୍ୟାଦି ଯୋଗାଇଦେବା ।" ସଂଗଠନ ସଂରଚନା (କର୍ତ୍ତୃପକ୍ଷ-ଦାୟିତ୍ୱପୂର୍ଣ୍ଣ ସମ୍ପର୍କର ନେଟ୍ୱର୍କ) ଏକ ଢାଞ୍ଚାଭାବେ କାର୍ଯ୍ୟ କରିଥାଏ; ଯାହା ସାହାଯ୍ୟରେ ପରିଚାଳନା କର୍ତ୍ତୃପକ୍ଷ ବ୍ୟକ୍ତିଗତ ଉଦ୍ୟମକୁ ସଂଯୋଜିତ କରିଥାଏ । ସମ୍ପାଦନ କରାଯିବାକୁ ଥିବା କାର୍ଯ୍ୟକ୍ରମର ଚିହ୍ନଟ ଓ ବର୍ଗୀକରଣ, ବ୍ୟକ୍ତିମାନଙ୍କୁ ଦାୟିତ୍ୱ ପ୍ରଦାନ ଏବଂ ବିଭିନ୍ନ ପଦବୀ ମଧ୍ୟରେ କର୍ତ୍ତୃପକ୍ଷ-ଦାୟିତ୍ୱପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବା ହେଲା ସଂଗଠିତ କରିବାର ମୁଖ୍ୟ କାର୍ଯ୍ୟ । ଉପର ବର୍ଣ୍ଣିତ ମାମଲାରେ ପ୍ରଧାନ ଶିକ୍ଷୟିତ୍ରୀ ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗଠିତ କରିଥିଲେ ଏବଂ ସେସବୁକୁ ସେମାନଙ୍କୁ ବଣ୍ଟନ କରିଥିଲେ । ସାଂଗଠନିକ ପ୍ରକ୍ରିୟା ନିମ୍ନଲିଖିତ ସୋପାନ ଜରିଆରେ ହୋଇଥାଏ:

ଉଦ୍ଦେଶ୍ୟ ସାଧନ ପାଇଁ ଆବଶ୍ୟକୀୟ କାର୍ଯ୍ୟକ୍ରମର ଚିହ୍ନଟ କରିବା

ସମାନ ଧରଣର କାର୍ଯ୍ୟଗୁଡ଼ିକୁ ପରିଚାଳନାଯୋଗ୍ୟ ଏକକରେ ବର୍ଗୀକରଣ କରିବା

ଉପଯୁକ୍ତ ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ବା କାର୍ଯ୍ୟ ପ୍ରଦାନ କରିବା

ଟିପ୍ପଣୀ

**ଯୋଜନା ପ୍ରସ୍ତୁତି କରିବା**

କ'ଣ କରିବାକୁ ହେବ ?

କେତେବେଳେ ଏହା କରିବାକୁ ହେବ ?

କେଉଁଠାରେ ଏହା କରିବାକୁ ହେବ ?

କିପରି ଏହା କରାଯିବ ?

ବ୍ୟକ୍ତିବିଶେଷଙ୍କୁ ଆବଶ୍ୟକ କ୍ଷମତା ପ୍ରଦାନ କରିବା ଓ ସଫଳତା ପାଇଁ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବା ଆବଶ୍ୟକ । କର୍ତ୍ତୃପକ୍ଷ-ଉତ୍ତରଦାୟିତ୍ୱ ସମ୍ପର୍କ ନିର୍ଦ୍ଧାରଣ କରାଯିବା ଉଚିତ । ସଂଗଠନ ମଧ୍ୟରେ ବ୍ୟକ୍ତିଗତ କାର୍ଯ୍ୟ ପ୍ରସ୍ତୁତି ମଧ୍ୟ ଏହି ପ୍ରକ୍ରିୟା ଅନ୍ତର୍ଭୁକ୍ତ ଅଟେ । ବ୍ୟକ୍ତିଗତ କାର୍ଯ୍ୟର କାର୍ଯ୍ୟାବଳୀ ଓ ଦାୟିତ୍ୱ ଏବଂ କେଉଁ ପରିଭାବେ ତାହା ସମ୍ପାଦନ କରାଯିବ ସେ ସଂକ୍ରାନ୍ତରେ ନିଷ୍ପତ୍ତି ନିଶ୍ଚୟ ନିଆଯିବା ଉଚିତ । ବ୍ୟକ୍ତିଗତ ସ୍ତରରେ କାର୍ଯ୍ୟ ସମ୍ପାଦନକୁ ସର୍ବୋତ୍ତମ କିପରି କରାଯାଇ ପାରିବ ଓ ମାନବ ସମ୍ବଳକୁ ଅଧିକ ଫଳପ୍ରଦ ଢଙ୍ଗରେ କିପରି ବିନିଯୋଗ କରାଯାଇ ପାରିବ ତାହା କାର୍ଯ୍ୟ ସ୍ତରର ସଂଗଠନରେ ଅନ୍ତର୍ଭୁକ୍ତ ।

## ୧୦.୪.୪ ନିର୍ଦ୍ଦେଶନା ଦେବା

ଉପର ବର୍ଣ୍ଣିତ କାହାଣୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିସେସ ଲକ୍ଷ୍ମୀ କାର୍ଯ୍ୟକୁ ଠିକଣାଭାବେ ସମ୍ପାଦନ କରିବା ପାଇଁ ଶିକ୍ଷକମାନଙ୍କୁ ପଥ ପ୍ରଦର୍ଶନ କରାଉଥିଲେ । ଏଣୁ ଆମେ କହି ପାରିବା ଜଣେ ପରିଚାଳକ ଯୋଜନା କରିପାରିବେ ଏବଂ ସଂଗଠନ ମଧ୍ୟ କରିପାରିବେ, ମାତ୍ର ଯୋଜନା କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ କୌଣସି ସ୍ପର୍ଶଯୋଗ୍ୟ ସୁଫଳ ମିଳିପାରିବ ନାହିଁ । ଏହାକୁ ନିର୍ଦ୍ଦେଶନା କହନ୍ତି, ଆକ୍ଷରିକଭାବେ କହିବାକୁ ଗଲେ କାର୍ଯ୍ୟରେ ନିୟୋଜନ ହେବା । ନିର୍ଦ୍ଦେଶନ ହେଲା ପରିଚାଳନା ପ୍ରକ୍ରିୟାର ସେହି ଅଂଶ ଯାହା ଅଭିଳଷିତ ଲକ୍ଷ୍ୟ ହାସଲ ପାଇଁ ସଂଗଠନ ସଦସ୍ୟଙ୍କୁ ଦକ୍ଷ ଓ ଫଳପ୍ରଦ ଢଙ୍ଗରେ କାର୍ଯ୍ୟକରିବାକୁ ନିୟୋଜିତ କରିଥାଏ । ଏହା ଯୋଜନା କାର୍ଯ୍ୟକାରୀ ସହ ସମ୍ପୃକ୍ତ । ଏହା ସଂଗଠିତ କାର୍ଯ୍ୟ ଆରମ୍ଭ କରେ ଏବଂ ସଂଗଠନକୁ ସଫଳତା ଅଭିମୁଖେ ନେଇଯାଏ । ନିର୍ଦ୍ଦେଶନା ପରିଚାଳନାର ଆନ୍ତଃଆତ୍ମିକ ଦିଗ କାରଣ ଏଥିରେ ସାଂଗଠନିକ ଲକ୍ଷ୍ୟ ହାସଲ ପାଇଁ ଅଧସ୍ତନ କର୍ମଚାରୀଙ୍କୁ ପ୍ରଭାବିତ କରିବା, ଦିଗ୍‌ଦର୍ଶନ ଏବଂ ଅଭିପ୍ରେରିତ କରିବା ଆଦି ଅନ୍ତର୍ଭୁକ୍ତ ଥାଏ ।

## ୧୦.୪.୫ ନିୟନ୍ତ୍ରଣ କରିବା

କାର୍ଯ୍ୟ ସଂପାଦନ ମାନଦଣ୍ଡରୁ ବ୍ୟୁତ୍ୟୁତ ନହେବା ନିଶ୍ଚିତ କରିବା ନିୟନ୍ତ୍ରଣ କରିବାରେ ଅନ୍ତର୍ଭୁକ୍ତ । ନିୟନ୍ତ୍ରଣ କରିବା ତିନୋଟି ସୋପାନକୁ ନେଇ ଗଠିତ । ସେଗୁଡ଼ିକ ହେଲା-କାର୍ଯ୍ୟ ସଂପାଦନ ମାନକ ପ୍ରସ୍ତୁତି, ବାସ୍ତବ ସଂପାଦନକୁ ମାନକ ସହ ତୁଳନା ଏବଂ ଆବଶ୍ୟକ ଅନୁସାରେ ସଂଶୋଧନୀ ପଦକ୍ଷେପ ଗ୍ରହଣ । ସଂପାଦନ ମାନକ ବେଳେବେଳେ ଆର୍ଥିକ ରୂପରେ ପ୍ରକାଶ କରାଯାଇଥାଏ, ଯେମିତିକି ରାଜସ୍ୱ, ମୂଲ୍ୟ, ଲାଭ; ମାତ୍ର ଏହା ମଧ୍ୟ ଅନ୍ୟାନ୍ୟ ଆକାରରେ ପ୍ରକାଶିତ ହୋଇଥାଏ, ଯେମିତି କି ଉପର ବର୍ଣ୍ଣିତ କାହାଣୀରେ ଛାତ୍ରଛାତ୍ରୀଙ୍କ ଶତକଡା ଉପସ୍ଥାନ ବୃଦ୍ଧି କାର୍ଯ୍ୟ ସଂପାଦନ ମାନଦଣ୍ଡ ଅଟେ ।

## ୧୦.୪.୬ ସମନ୍ୱୟ

ଏକ ସଂଗଠନ ଅନେକ ପ୍ରକାର ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଗୋଟିଏ ଗୋଟିଏ ବିଶେଷ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଏଣୁ, ବିଭିନ୍ନ ବ୍ୟକ୍ତିବିଶେଷ ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ ଆବଶ୍ୟକ । ଦଳଗତ ଉଦ୍ଦେଶ୍ୟ ସମୂହର ହାସଲ ନିମିତ୍ତ ଗୋଟିଏ ଦଳର ସଦସ୍ୟମାନଙ୍କ ପ୍ରଚେଷ୍ଟା ଏବଂ ବିଶେଷ କାର୍ଯ୍ୟାବଳୀର ତାଳମେଳକୁ ସମନ୍ୱୟନ କୁହନ୍ତି । ଏହା ହେଉଛି ଏକକ ଲକ୍ଷ୍ୟ ହାସଲ ନିମନ୍ତେ ସମ୍ମିଳିତ କାର୍ଯ୍ୟକ୍ରମ ପ୍ରଦାନ ନିମିତ୍ତ ଦଳର ଶୃଙ୍ଖଳିତ ବ୍ୟବସ୍ଥା । ସାଧାରଣ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ବିଭାଗ ଓ ବ୍ୟକ୍ତିଙ୍କ କାର୍ଯ୍ୟଗୁଡ଼ିକୁ ଏକାଠି କରିବା,



ଟିପ୍ପଣୀ

ସମନ୍ୱିତ କରିବା ଓ ସମ୍ମିଳିତ କରିବା ଏଥିରେ ଅନ୍ତର୍ଭୁକ୍ତ । ସମନ୍ୱୟ ଉଦ୍ଦେଶ୍ୟର ଏକତ୍ରୀକରଣ ସମନ୍ୱୟର ହୃଦୟ ଅଟେ । ଯେଉଁଥିରେ ବିଭିନ୍ନ କାର୍ଯ୍ୟର ସମ୍ପାଦନର ସମୟସୂଚୀ ଓ ସମ୍ପାଦନ ତରିକା ସାମିଲ । ସନ୍ତୁଳନ କରିବା, ସମୟାନୁବର୍ତ୍ତୀ ହେବା ଓ ସମନ୍ୱିତ କରିବା ହେଉଛି ସମନ୍ୱୟନର ତିନିଟି ଉପାଦାନ । ଏହା ଏକ ନିରବଚ୍ଛିନ୍ନ ଓ ଗତିଶୀଳ ପ୍ରକ୍ରିୟା । ସମନ୍ୱୟ ପରିଚାଳନାର ମୌଳିକ ଆବଶ୍ୟକତା ଅଟେ । ଚିନ୍ତାକର, ଉପର ବର୍ଣ୍ଣିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିପରି ବିଭିନ୍ନ କାର୍ଯ୍ୟକ୍ରମ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ସମନ୍ୱୟ ସ୍ଥାପନ କଲେ ।

## ୧୦.୪.୭ ନିଷ୍ପତ୍ତି ଗ୍ରହଣ କରିବା

ତୁମେ ଲକ୍ଷ୍ୟ କରିଥିବ, ମିସେସ୍ ଲକ୍ଷ୍ମୀ, ନୂଆ ବିଦ୍ୟାଳୟରେ ଯୋଗଦେବା ପରେ ସେ ସମୟରେ ତ୍ୱରିତ ସମାଧାନ ଆବଶ୍ୟକ ହେଉଥିବା ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନେଇଥିଲେ । ଏବେ ତୁମେ ତାହା ବୁଝିପାରୁଥିବ । ନିଷ୍ପତ୍ତି ଗ୍ରହଣ ଆଧୁନିକ ପରିଚାଳନାର ଏକ ମୁଖ୍ୟ ଦିଗ । ଏହା ପରିଚାଳନାର ପ୍ରାଥମିକ କାର୍ଯ୍ୟ । ଜଣେ ପରିଚାଳକଙ୍କ ପ୍ରମୁଖ କାର୍ଯ୍ୟ ହେଲା ସୁସ୍ଥ/ଯୁକ୍ତିଯୁକ୍ତ ନିଷ୍ପତ୍ତି ଗ୍ରହଣ । ସେ ଚେତନ ଓ ଅର୍ଦ୍ଧଚେତନରେ ଶହଶହ ନିଷ୍ପତ୍ତି ନେଇଥାନ୍ତି । ନିଷ୍ପତ୍ତି ଗ୍ରହଣ ପରିଚାଳକଙ୍କ କାର୍ଯ୍ୟକ୍ରମର ମୁଖ୍ୟ ଅଂଶ । ନିଷ୍ପତ୍ତିମାନ ପରିଚାଳନାଗତ ଏବଂ ସାଂଗଠନିକ କାର୍ଯ୍ୟ ନିର୍ଦ୍ଧାରଣ କରୁଥିବାରୁ ଅତୀବ ଗୁରୁତ୍ୱପୂର୍ଣ୍ଣ । ଏକ ନିଷ୍ପତ୍ତିର ସଂଜ୍ଞା ହେଲା, "ଅଭିଳକ୍ଷିତ ଲକ୍ଷ୍ୟ ହାସଲ ପାଇଁ ଉଦ୍ଦିଷ୍ଟ ଏକାଧିକ ବିକଳ୍ପରୁ ଏକ କାର୍ଯ୍ୟକୁ ଚେତନାପୂର୍ବକ ବାଛିବା ।" ନିଷ୍ପତ୍ତି ଗ୍ରହଣ ଏକ ବୌଦ୍ଧିକ ପ୍ରକ୍ରିୟା ଯାହା ଏକାଧିକ ବିକଳ୍ପରୁ ଗୋଟିଏ କାର୍ଯ୍ୟକୁ ଚୟନ କରେ । ନିଷ୍ପତ୍ତି ଗ୍ରହଣ କରିବା ପରିଚାଳନାର ଦ୍ୱିତୀୟ କାର୍ଯ୍ୟ ଯୋଜନାକୁ ଅନୁସରଣ କରେ । ନିଷ୍ପତ୍ତି ନେବାର ଅନ୍ୟାନ୍ୟ ଉପାଦାନ ଯାହା ଯୋଜନା କରିବାକୁ ଅନୁସରଣ କରେ ଯଥା ପରିଚାଳନା କରିବା, ନିର୍ଦ୍ଦେଶନା ଦେବା, ସଂଯୋଜନା କରିବା ଏବଂ ଅଭିପ୍ରେରିତ କରିବା ଯୋଜନା କାର୍ଯ୍ୟ ତୁଳନାରେ ନିଷ୍ପତ୍ତିଗ୍ରହଣ ଗୁରୁତ୍ୱ ବହନ କରେ । ପରିଚାଳନାଗତ ନିଷ୍ପତ୍ତି ଯଥାସମ୍ଭବ ନିର୍ଭୁଲ ହେବା ଆବଶ୍ୟକ । ଏଥି ପାଇଁ ବିଜ୍ଞାନଭିତ୍ତିକ ନିଷ୍ପତ୍ତି ଗ୍ରହଣ କରିବା ଆବଶ୍ୟକ ।

**ନିଷ୍ପତ୍ତି ଗ୍ରହଣ କରିବା ସୂଚାଏ:**

-ପସନ୍ଦ

-ନିରବଚ୍ଛିନ୍ନ କାର୍ଯ୍ୟ/ପ୍ରକ୍ରିୟା

-ମାନସିକ/ବୌଦ୍ଧିକ କାର୍ଯ୍ୟ

-ନିର୍ଭରଯୋଗ୍ୟ ସୂଚନା/ପ୍ରତିପୁଷ୍ଟି ଆଧାରିତ

-ଲକ୍ଷ୍ୟାଭିମୁଖୀ ପ୍ରକ୍ରିୟା

-ମାଧ୍ୟମ ମାତ୍ର ଶେଷ ନୁହେଁ

-ସ୍ୱତନ୍ତ୍ର ସମସ୍ୟା ସମ୍ପର୍କିତ

-ସମୟସାପେକ୍ଷ କାର୍ଯ୍ୟ

-ପ୍ରଭାବଶାଳୀ ଯୋଗାଯୋଗ ଆବଶ୍ୟକ କରେ

ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ସୋପାନଗୁଡ଼ିକ ହେଲା:

ପରିଚାଳନାଗତ ସମସ୍ୟାର ସଂଜ୍ଞା ନିରୂପଣ/ଚିହ୍ନଟକରଣ

ସମସ୍ୟାର ବିଶ୍ଳେଷଣ

ବିକଳ୍ପ ସମାଧାନ ପନ୍ଥାର ବିକାଶ, ଉପଲବ୍ଧ ବିକଳ୍ପ ମଧ୍ୟରୁ ସର୍ବୋତ୍କୃଷ୍ଟ ସମାଧନ ଚୟନ, ନିଷ୍ପତ୍ତିକୁ କାର୍ଯ୍ୟରେ ପରିଣତ କରିବା, ଅନୁଧ୍ୟାନ ପାଇଁ ପ୍ରତିପୁଷ୍ଟିକୁ ନିଶ୍ଚିତ କରିବା ।

ଟିପ୍ପଣୀ

### ୧୦.୪.୮ ମୂଲ୍ୟାୟନଯୋଗ୍ୟ କାର୍ଯ୍ୟାବଳୀ ଓ କାର୍ଯ୍ୟକ୍ରମ

ସମସ୍ତ କୌଶଳ ଭବିଷ୍ୟତରେ ପରିବର୍ତ୍ତନ ଯୋଗ୍ୟ, କାରଣ ଆନ୍ତଃ ଓ ବାହ୍ୟ ଉପାଦାନଗୁଡିକ ସର୍ବଦା ପରିବର୍ତ୍ତନ ହେଉଛି । କୌଶଳ ଭିତ୍ତିକ ମୂଲ୍ୟାୟନ ଓ ନିୟନ୍ତ୍ରଣ ପ୍ରକ୍ରିୟାରେ ପସନ୍ଦିତା କୌଶଳ ସାଂଗଠନିକ ଉଦ୍ଦେଶ୍ୟ/ସମୂହକୁ ହାସଲ କରିପାରୁଛି କି ତାହା ପରିଚାଳକ ସ୍ଥିର କରିଥାନ୍ତି । କୌଶଳ ଉପାଦନ ଓ ନିୟନ୍ତ୍ରିତ କାର୍ଯ୍ୟଗୁଡିକର ମୌଳିକ ଉପାଦନଗୁଡିକ ହେଲା- ଆନ୍ତଃ ଓ ବାହ୍ୟ ଉପାଦାନଗୁଡିକର ସମୀକ୍ଷା ଯାହା ସାଂପ୍ରତିକ କୌଶଳ, ମାପକ ସଂପାଦନ ଏବଂ ସଂଶୋଧନୀ କାର୍ଯ୍ୟ ଗ୍ରହଣ କରିବାର ଆଧାର ଅଟେ । ଏହା ଏକ ଧାରା ବାହିକ ପ୍ରକ୍ରିୟା ହେବା ଉଚିତ ଯାହା ଫଳରେ ପ୍ରତିକାର ସମ୍ମୂଳକ ପଦକ୍ଷେପ ସୂଚିତ କରିହେବ ଓ ସମୟ ସମ୍ବଳ ଅପଚୟ ରୋକାଯାଇ ପାରିବ । ଉପରୋକ୍ତ ଗଳ୍ପରେ ଅଧକ୍ଷା କିପରି ମୂଲ୍ୟାୟନ ଯୋଗ୍ୟ କାର୍ଯ୍ୟକ୍ରମ କରିପାରିଥିବେ ମନେ ପକାଅ ।

### ନିଜ ଅଗ୍ରଗତି ଆକଳନ -୨

୧-ପରିଚାଳନାର କାର୍ଯ୍ୟାବଳୀ ଆଧାରରେ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉପଲବ୍ଧିର ଉନ୍ନତି ପାଇଁ ଏକ ଯୋଜନା ପ୍ରସ୍ତୁତ କର ।।

### ୧୦.୫ ପରିଚାଳନାର ପ୍ରକାର- ଭାଗିଦାରୀ ଏବଂ ଅଣ-ଭାଗିଦାରୀ

ପରିଚାଳନା ପ୍ରକ୍ରିୟା ମୁଖ୍ୟତଃ ଏକ ସାମାଜିକ ପ୍ରକ୍ରିୟା, କାରଣ ଲକ୍ଷ୍ୟ ହାସଲ ପାଇଁ ସମ୍ପାଦିତ କାର୍ଯ୍ୟକ୍ରମ ବହୁଳ ଭାବେ ଲୋକମାନଙ୍କ ମଧ୍ୟରେ ସଂପର୍କ ସହ ଜଡିତ । ପରିଚାଳକ ଲୋକମାନଙ୍କ ସହ ଓ ଲୋକଙ୍କ ଜରିଆରେ କାର୍ଯ୍ୟ କରନ୍ତି ଏବଂ ଲୋକଙ୍କ ଉପକାର ପାଇଁ ଫଳପ୍ରାପ୍ତି କରନ୍ତି । ତେଣୁ ମାନବୀୟ ଉପାଦାନ ପରିଚାଳନା ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଅଂଶ । ନିଷ୍ପତ୍ତି ଗ୍ରହଣ ପରିଚାଳନା ପ୍ରକ୍ରିୟାର ଆଧାର । ତେଣୁ କର୍ମଚାରୀ ଓ ଅଂଶୀଦାର ଏହି ପ୍ରକ୍ରିୟାରେ ସାମିଲ ହେବା ଉଚିତ । ପରନ୍ତୁ ବେଳେବେଳେ କେବଳ ପରିଚାଳକ ନିଜକୁ ନିଜେ ହିଁ ନିଷ୍ପତ୍ତି ନେଇଥାନ୍ତି । ଜନସାଧାରଣଙ୍କ ଭାଗିଦାରୀ ଆଧାରରେ ଦୁଇ ପ୍ରକାରର ପରିଚାଳନା ପ୍ରକ୍ରିୟା ରହିଛି:

### ୧୦.୬ ଭାଗିଦାରୀ ପରିଚାଳନା ପ୍ରକ୍ରିୟା

ଭାଗିଦାରୀ ପରିଚାଳନା ହେଉଛି ସାଂଗଠନିକ ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣ ପାଇଁ କର୍ମଚାରୀଙ୍କୁ ସଶକ୍ତ କରିବାର ଏକ ପ୍ରଥା । ଏହି ପ୍ରଥା ୧୯୨୦ ଦଶକର ଜନ ସମ୍ପର୍କ ଅଭିଯାନରୁ ବୃଦ୍ଧି ପାଇଥିଲା ଏବଂ ଏହା ପରିଚାଳନା ଓ ସଂଗଠନ ଅଧ୍ୟୟନରେ ଗବେଷଣା କରୁଥିବା କେତେକ ବିଦ୍ୱାନଙ୍କ ଦ୍ୱାରା ଆବିଷ୍କୃତ କିଛି ନିୟମାବଳୀ ଉପରେ ଆଧାରିତ । ଯେତେବେଳେ ଭାଗିଦାରୀ ପରିଚାଳନା ପ୍ରଚଳିତ ହୋଇଥାଏ, କର୍ମଚାରୀମାନେ ସୁରକ୍ଷିତ କାର୍ଯ୍ୟ ପରିବେଶ ଏବଂ ସମ୍ଭାବ୍ୟ ପ୍ରତିରୋଧର ସୁରକ୍ଷା ସଂକ୍ରାନ୍ତରେ ସେମାନଙ୍କ ସ୍ୱର ଉତ୍ତୋଳନ କରିବାକୁ ଉତ୍ସାହିତ ହୋଇଥାନ୍ତି । ଭାଗିଦାରୀ ପରିଚାଳନା ସବୁସ୍ତରରେ ସମସ୍ୟାର ବିଶ୍ଳେଷଣ, କୌଶଳର ବିକାଶ ଓ କାର୍ଯ୍ୟକାରିତାରେ ଅଂଶୀଦାରଙ୍କ ସମ୍ପୃକ୍ତିକୁ ଉତ୍ସାହିତ କରେ । ଆମେ ଯେତେବେଳେ ସମସ୍ୟା ବିଶ୍ଳେଷଣ ଓ ସମାଧାନରେ ଅଂଶଗ୍ରହଣ କରୁ ତଥା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିଥାଉ ଆମେ ଯଥା ସମ୍ଭବ ଆମ ବ୍ୟବହାରକୁ ସଂଶୋଧନ କରୁ । ଭାଗିଦାରୀ ପରିଚାଳନା ଅର୍ଥ ହେଲା କେବଳ କ୍ଷମତା ପ୍ରାପ୍ତ ପରିଚାଳକ ନୁହଁନ୍ତି, କର୍ମଚାରୀଙ୍କର ମଧ୍ୟ ସଂଗଠନକୁ ପ୍ରଭାବିତ କରୁଥିବା ନିଷ୍ପତ୍ତିରେ ମତ ଓ ପ୍ରଭାବ ରହିଥାଏ । ଭାଗିଦାରୀ ପରିଚାଳନାରେ କ୍ଷମତାପ୍ରାପ୍ତ ପରିଚାଳକମାନଙ୍କ (ବା ପରିଚାଳକଙ୍କ)ର ନିଷ୍ପତ୍ତି ଗ୍ରହଣ ଓ ଉତ୍ତରଦାୟିତ୍ୱ ଅଧିକାର ଥାଏ, ମାତ୍ର ସେହିସବୁ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହେଉଥିବା ସଦସ୍ୟ କର୍ମଚାରୀମାନଙ୍କୁ ସକ୍ରିୟଭାବେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ନିଜର ପର୍ଯ୍ୟବେକ୍ଷଣ, ବିଶ୍ଳେଷଣ, ପରାମର୍ଶ ଓ ସୁପାରିଶ ଆଦି ପ୍ରଦାନ କରିବା ପାଇଁ ଲୋଡା ଯାଏ ।

## ଅଣ-ଭାଗିଦାରୀ ପରିଚାଳନା

ଏହି ପ୍ରକାର ପରିଚାଳନାରେ ପରିଚାଳକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ କର୍ମଚାରୀଙ୍କୁ ସାମିଲ କରିନଥାନ୍ତି । ସେ ନିଜେ ସମସ୍ତ ପ୍ରକାର ନିଷ୍ପତ୍ତି ଗ୍ରହଣ କରନ୍ତି ଏବଂ କର୍ମଚାରୀଙ୍କ ଉପରେ କାର୍ଯ୍ୟ ଦାୟିତ୍ୱ ନ୍ୟସ୍ତ କରନ୍ତି । ଏହି ପ୍ରକାର ଅଭ୍ୟାସ କର୍ମଚାରୀଙ୍କୁ ହତୋତ୍ସାହିତ କରେ ଏବଂ ସେମାନଙ୍କ ଦକ୍ଷତା ମଧ୍ୟ ନକାରାତ୍ମକଭାବେ ପ୍ରଭାବିତ ହୋଇଥାଏ । ତେଣୁ ଫଳାଫଳ ମଧ୍ୟ ଆଶାନୁରୂପକ ହୋଇନଥାଏ । ପରିଚାଳକ ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିନଥାଏ ଏବଂ ସଂଗଠନ ପ୍ରତି କର୍ମଚାରୀଙ୍କ ଆପଣାର ଭାବରେ ଅଭାବ ପରିଲକ୍ଷିତ ହୁଏ । ଏହି ପରିଚାଳନା ପ୍ରଥା କର୍ମଚାରୀଙ୍କୁ ଏବଂ ସେମାନଙ୍କ ବୃତ୍ତିଗତ ଅଭିବୃଦ୍ଧିକୁ ସଶକ୍ତ କରିନଥାଏ । ଏହି ପ୍ରକାର ପରିଚାଳନା ଅଧୀନରେ ସାଂଗଠନିକ ଲକ୍ଷ୍ୟ ହାସଲ ମଧ୍ୟ କଷ୍ଟକର ହୁଏ । ଏଠାରେ ପରିଚାଳକ ଜଣେ ସ୍ୱେଚ୍ଛାଚାରୀ ନେତାଭାବେ କାର୍ଯ୍ୟ କରନ୍ତି, ଯିଏ କେବଳ କାର୍ଯ୍ୟକ୍ରମରେ ନିର୍ଦ୍ଦେଶ ଦେଇଥାନ୍ତି । ଆଧୁନିକ ଭାଷାରେ ଏହି ପ୍ରକାର ପରିଚାଳନା ସଫଳତା ହେବା ଆଶା କରାଯାଏ ନାହିଁ ।

## ୧୦.୭ ସାରାଂଶ

-ଲୋକମାନଙ୍କ ସହିତ ଓ ମାଧ୍ୟମରେ ପରିଚାଳନା ସଫଳ ହେଉଛି ।

-ପରିଚାଳନାରେ ଅର୍ଥ, ମାନବ ସମ୍ବଳ, କଞ୍ଚାମାଲ, ଯନ୍ତ୍ରପାତି ଓ ପଦ୍ଧତିର କ୍ରିୟାଶୀଳ ଓ ବିନିଯୋଗ ସାମିଲ ଅଟେ ।

-ପରିଚାଳନା ପ୍ରକ୍ରିୟାର ଚାରିଟି ଉପାଦାନ ରହିଛି - ପରିସ୍ଥିତି ବିଶ୍ଳେଷଣ, କୌଶଳ ପ୍ରସ୍ତୁତି, କୌଶଳ କାର୍ଯ୍ୟାନ୍ୱୟନ ଏବଂ କୌଶଳ ମୂଲ୍ୟାୟନ ।

-ପରିଚାଳନାର ଏକାଧିକ ଆନୁକ୍ରମିକ କାର୍ଯ୍ୟ ରହିଛି ଯଥା- ଯୋଜନା ପ୍ରସ୍ତୁତି କରିବା, ସଂଗଠିତ କରିବା, ନିର୍ଦ୍ଦେଶନା ଦେବା, ନିୟନ୍ତ୍ରଣ କରିବା, ସଂଯୋଜନା କରିବା, ବଜେଟ୍ ପ୍ରସ୍ତୁତ କରିବା, ନିଷ୍ପତ୍ତି ଗ୍ରହଣ କରିବା, ମୂଲ୍ୟାୟନଯୋଗ୍ୟ କାର୍ଯ୍ୟକ୍ରମ ଇତ୍ୟାଦି ।

-ଭାଗିଦାରୀ ପରିଚାଳନା ପ୍ରକ୍ରିୟା ସାଂଗଠନିକ ଲକ୍ଷ୍ୟ ହାସଲ ପାଇଁ ନିଷ୍ପତ୍ତି ଗ୍ରହଣର ସବୁ ସ୍ତରରେ ଅଂଶୀଦାରଙ୍କୁ ସାମିଲ କରିଥାଏ ।

## ୧୦.୮ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


A collection of *case studies* of good practices adopted by States for...***ssa.nic.in/publication/Out%20of%20School%20Word%20File.pdf***

Anderson, P., and M. Pulich. "Managerial Competencies Necessary in Today's DynamicHealth Care Environment." *Health Care Manager* 21, no. 2 (2002): 1–11.

Carroll, Stephen J., and Dennis J. Gillen. "Are the Classical Management Functions Useful in

Describing Managerial Work?" *Academy of Management Review* 12, no. 1 (1980): 38–51.

Fayol, Henri. *General and Industrial Administration.* London: Sir Issac Pitman & Sons, Ltd., 1949.

Koontz, Harold, and Cyril O'Donnell. *Principles of Management: An Analysis of Managerial Functions.* New York: McGraw-Hill Book Co., 1955.

ଟିପ୍ପଣୀ


Lamond, David. "A Matter of Style: Reconciling Henri and Henry." *Management Decision* 42, no. 2 (2004): 330–356.

Mintzberg, Henry. *The Nature of Managerial Work.* New York: Harper & Row, 1973

Mukherjee (1991) *On Planning Problematic: The Role of Institutional Planning*, Segment, New Delhi

Planning Commission (1984) *Report of Working Group on District Planning, Vol. I & II*, Planning Commission, New Delhi

Robbins, Stephen P. and Mary Coulter. *Management.* Upper Saddle River, NJ: Prentice Hall, 1999

Varghese, N. V. (1997) "Decentralised Educational Planning in India: An Assessment of Training Needs", in R. Govinda (ed) *Decentralisation of Educational Management:*

*Experiences from South Asia*, IIEP, Paris, pp. 138-164

Varghese, N. V. (1993) *A Manual for Planning Education at District Level*, NEIPA, New Delhi

*www.blogspot.com*

*www.introduction-to-management.com*

*www.principlesofmanagement.com*

*www.managementinnovations.wordpress.com*


## ୧୦.୯ ପାଠାନ୍ତ ପ୍ରଶ୍ନାବଳୀ

୧. ପରିଚାଳନାର ଅର୍ଥ କ'ଣ ? ' ନିଷ୍ପତ୍ତିଗ୍ରହଣ କରିବା ପରିଚାଳନା ପ୍ରକ୍ରିୟାର ନାଭିକେନ୍ଦ୍ର'- ଉଦାହରଣ ଜରିଆରେ ଏହି ଉକ୍ତିର ବ୍ୟାଖ୍ୟା କର । ଅବସ୍ଥାଗତ ବିଶ୍ଳେଷଣ କ'ଣ ? ଏକ ପ୍ରାଥମିକ ବିଦ୍ୟାଳୟର ପରିଚାଳନା ପାଇଁ ଏହା କିପରି ସହାୟକ ହୋଇଥାଏ ?

   ପରିଚାଳନାର ବିଭିନ୍ନ କାର୍ଯ୍ୟଗୁଡ଼ିକ କ'ଣ ? ତୁମ ମତରେ କେଉଁଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ କାହିଁକି ?

୨. 'ଭାଗିଦାରୀ ପରିଚାଳନା ଏକ ଗଣତନ୍ତ୍ରିକ ପ୍ରକ୍ରିୟା'-ଗ୍ରାମାଞ୍ଚଳରେ ଅବସ୍ଥିତ ଏକ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।